## ସଂକ୍ଷେପରେ

### ଉତ୍ର ଖଣ୍ଡାୟତ କାଳିଞ୍ଜି ସମାଜ ଗୃହ ଭିତ୍ତିପ୍ରସ୍ତର

କବିସୂର୍ଯ୍ୟନଗର,୨୩।୧(କୃପାସିନ୍ଧୁ ସ୍ୱାଇଁ):

କବିସୂର୍ଯ୍ୟନଗର ଖଜାପଲ୍ଲୀ ଗ୍ରାମ ପଞ୍ଚାୟତରେ ଶୁକ୍ରବାର ସ୍ଥାନୀୟ ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଉତ୍ର ଖଣ୍ଡାୟତ ସମାଜ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେଠାରେ ଆୟୋଜିତ ସଭାରେ ବିଧାୟକ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ଗୃହ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଶୀଘ୍ର କାର୍ଯ୍ୟ ଆରମ୍ଭ କରି ଧାର୍ଯ୍ୟ ସମୟ ପୂର୍ବରୁ ସାରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ଖଜାପଲ୍ଲୀ ସରପଞ୍ଚ କୁନି ପ୍ରଧାନ, ବୁଢ଼ାମ୍ବ ମଣ୍ଡଳ ସଭାପତି ବାବୁରାମ ବିଷୋୟୀ,ବୁଢ଼ାମ୍ବ ସମିତି ପ୍ରତିନିଧି ଚନ୍ଦ୍ରଶେଖର ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### କେ.ଏମ୍. ଭାଲିଆସାହିରେ ରକ୍ତଦାନ ଶିବିର

ଆର. ଉଦୟଗିରି ୨୩।୧
(ମନୋଜ କୁମାର ପାଢୀ)

ଆର୍, ଉଦୟଗିରି ବ୍ଲକ ଅନ୍ତର୍ଗତ ଅବାରସିଂ ପଞ୍ଚାୟତର କେଏମ୍ ଭାଲିଆସାହିରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଜୁନିୟର ରେଡକ୍ରସ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆର. ଉଦୟଗିରି ବିଡିଓ ଲରିମନ ଖର୍ସେଲ ମୁଖ୍ୟ ଅତିଥି, ସାମାଜକ କର୍ମୀ ଜଗବନ୍ଧୁ ଦାସ ମୁଖ୍ୟବକ୍ତା, ଯମୁନା ଦଳବେହେରା, ସରପଞ୍ଚ ଦ୍ରୌପଦୀ ରଇତ, ସମିତିସଭ୍ୟ ପ୍ରମିତା ରଇତ, ମଧୁସ୍ମିତା ପାତ୍ର,କେ ଧନଲକ୍ଷ୍ମୀ, ରାମଚନ୍ଦ୍ର ଦଳବେହେରା, ମମତା ମଞ୍ଜରୀ ଜେନା, ପବିତ୍ର ଗମାଙ୍ଗ, ପ୍ରିୟଦର୍ଶୀ ପୂଜାରୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ମୋଟ ୪୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜୁନିୟର ରେଡକ୍ରସର ସହ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ଏବଂ ସମ୍ବଳ ସାଧନ କର୍ମୀ ପ୍ରହ୍ଲାଦ ଶିଅଳ ଶିବିର ପରିଚାଳନା କରିଥିଲେ।

### ପରୋପକାରୀ ବ୍ୟକ୍ତିଙ୍କ ପରଲୋକ

ଶେରଗଡ଼,୨୩।୧(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ର ପାଢ଼ୀସାହି ନିବାସୀ ଜଣାଶୁଣା ବ୍ୟକ୍ତିତ୍ୱ ରଘୁନାଥ ପାଢ଼ୀଙ୍କ ଶୁକ୍ରବାର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୪ ବର୍ଷ ହୋଇଥିଲା। ସେ ଜଣେ ସ୍ପଷ୍ଟବାଦୀ, ପରୋପକାରୀ ବ୍ୟକ୍ତି ଥିଲେ। ସେ ସର୍ବଦା ଗରିବ ଲୋକଙ୍କୁ ସହାୟତା କରି ଆସୁଥିଲେ। ତାଙ୍କ ମୃତ୍ୟୁଖବରପାଇ ଶେରଗଡ଼ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଜନନେତା, ଓ ଗ୍ରାମାସୀ ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁ ସମୟରେ ବଡ଼ପୁଅ ବଳରାମ, ସାନପୁଅ ଟୁକୁ ଓ ନାତି ନାତୁଣୀ ଉପସ୍ଥିତ ଥିଲେ।

# ମା' ବରାଳଦେବୀ ମନ୍ଦିର ଉନ୍ନତୀକରଣ ବାଟବଣା

■ବର୍ଷବର୍ଷ ଧରି ସରୁନି କାମ
■ଠିକାଦାରଙ୍କୁ ଦାୟୀ କଲା ପୂର୍ତ୍ତ ବିଭାଗ

ଖଜୁରିପଡ଼ା,୨୩।୧(ବିଦୁର ବେହେରା)

ଅଧିଷ୍ଠାତ୍ରୀ ଦେବୀ ମା' ବରାଳ ଦେବୀ କାହିଁ କେଉଁ ଅନାଦି କାଳରୁ କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ୍‌ଅନ୍ତର୍ଗତ ବଲସକୁମ୍ପାଠାରେ ପୂଜା ପାଇ ଆସୁଛନ୍ତି। ଜିଲା ତଥା ଜିଲା ବାହାରୁ ଅନେକ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପାଇଁ ପ୍ରତିଦିନ ଆସନ୍ତି। ସମଗ୍ର ରାଜ୍ୟରେ ଥିବା ଦେବୀପୀଠ ଏବଂ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ବିକାଶ ପାଇଁ ଓଡ଼ିଶା ସରକାର ଅନୁମୋଦନ ରାଶି ପ୍ରଦାନ କରି ସେ ସବୁର ଉନ୍ନତିକରଣ କରୁଛନ୍ତି। କିନ୍ତୁ ଏହି ପୀଠର ବିକାଶ ନିମନ୍ତେ ସେତେ ପରିମାଣରେ ସରକାର ଦୃଷ୍ଟି ଦେଉନାହାନ୍ତି। ଫଳରେ ମନ୍ଦିର ଉନ୍ନତୀକରଣ ଏବେ ବାଟବଣା ହୋଇଛି। ଧୀରେଧୀରେ ମନ୍ଦିରର ସୌନ୍ଦର୍ଯ୍ୟ ନଷ୍ଟ ହେବାକୁ ବସିଲାଣି। ମନ୍ଦିର ଉନ୍ନତୀକରଣ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ପୂର୍ବ ସରକାର ସମୟରେ ୨ କୋଟି ୯୯ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ସେହି ଟଙ୍କାରେ ଆରମ୍ଭ ହୋଇଥିବା ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ଅଧାପନ୍ତରିଆ



ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ମରାଯାଇଥିବା ଫଳକ।

ହୋଇ ପଡ଼ିଛି। ବର୍ଷବର୍ଷ ଧରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନାହିଁ। ଧାର୍ଯ୍ୟ ସମୟ ଅବଧି ପୂରିଥିଲେ ମଧ ଠିକାଦାର କାର୍ଯ୍ୟ ଶେଷ କରିବାକୁ ଗୁରୁତ୍ୱ ଦେଉନାହାନ୍ତି। କାର୍ଯ୍ୟ ନିର୍ମାଣ ଓ ତଦାରଖ କରିବା ଦାୟିତ୍ୱ ନେଇଥିବା ଫୁଲବାଣୀ ପୂର୍ତ୍ତ ବିଭାଗ ଠିକାଦାରଙ୍କୁ ଦାୟୀ କରି ଖସି ଯିବାକୁ ବସିଛି। ମନ୍ଦିର ଗେଟ୍ ଆଗରେ ଲାଗିଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି ଯେ, ମା'ବରାଳ ଦେବୀ ମନ୍ଦିର ଉନ୍ନତିକରଣ କାର୍ଯ୍ୟ ୩୦ ନଭେମ୍ବର ୨୦୨୩ରୁ ଆରମ୍ଭ ହୋଇ ୨୯ ମେ' ୨୦୨୪ରେ ସମ୍ପୂର୍ଣ୍ଣ ହେବ। ଯାହାର ଅଟକଳ ୨,୪୯,୧୮,୯୧୪ ଟଙ୍କା ରହିଥିବା ବେଳେ ଏଗ୍ରିମେଣ୍ଟ ଭ୍ୟାଲ୍ୟୁ ୨,୨୪,୨୯,୫୧୫ ଟଙ୍କା ରହିଛି। କାମ କରୁଥିବା ଏଜେନ୍ସି ଦେବରାଜ ମୁଣ୍ଡା ସମ୍ବଲପୁର ଲେଖା ରହିଛି। ମନ୍ଦିର ଉନ୍ନତି କରଣ କାର୍ଯ୍ୟରେ ବ୍ୟବହାର ହୋଇଥିବା ଫେବର୍ ବ୍ଲକ ଇଟା ଏବଂ ବିଭିନ୍ନ ସାମଗ୍ରୀଗୁଡ଼ିକର ବ୍ୟବସାୟୀମାନେ ଏଯାଏ ଟଙ୍କା ପାଇନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। କାର୍ଯ୍ୟରେ ବ୍ୟବହାର ହୋଇଥିବା ସାମଗ୍ରୀଗୁଡ଼ିକ କାଢି ନେବେ ବୋଲି କହିଛନ୍ତି। ଏନେଇ ଫୁଲବାଣୀ ପୂର୍ତ୍ତ ବିଭାଗ ଏସ୍‌ଡିଓ ସିଦ୍ଧାର୍ଥ ଦାସ କହିଛନ୍ତି, ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ଠିକାଦାରଙ୍କ ଅବହେଳା ଏବଂ ଦାୟିତ୍ୱହୀନତା ଯୋଗୁ ଅବଧି ସମୟ ମଧରେ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏହି ଅବହେଳା ପାଇଁ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ମନ୍ଦିର ପରିଚାଳନା କମିଟି ସମ୍ପାଦକ ସଞ୍ଜୟ କହଁର କହିଛନ୍ତି, ମନ୍ଦିର ଉନ୍ନତିକରଣ କାର୍ଯ୍ୟ ଦିଗହରା ହେଉଛି ବୋଲି ତତ୍କାଳୀନ ଜିଲାପାଳ, ପୂର୍ତ୍ତ ବିଭାଗ ନର୍ବାହୀ ଅଧିକାରୀ, ଫୁଲବାଣୀ ବିଧାୟକ, ଏମ୍ପିଙ୍କ ନିକଟରେ ଅଭିଯୋଗ କରାଯାଇଛି। ତଥାପି ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ସରୁନାହିଁ। ଜିଲା ପ୍ରଶାସନ ଓ ସରକାର ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# କୂଅରେ ପଡ଼ି ମହିଳାଙ୍କ ମୃତ୍ୟୁ

ଫିରିଙ୍ଗିଆ,୨୩।୧( ବିମଳ ଦିଗାଲ)

ଫିରିଙ୍ଗିଆ ଥାନା ଅଧୀନରେ ଥିବା ରତଙ୍ଗ ପଞ୍ଚାୟତର ଡେଲରପଡ଼ା ସାହିରେ ଶୁକ୍ରବାର ଦୁଃଖଦ ଘଟଣା ଘଟିଛି। ସାହିର ଶତ୍ରୁଘନ ମାଝିଙ୍କ ସ୍ତ୍ରୀ ମିଲି ସାହୁ(୩୫) କୂଅକୁ ଗାଧେଇ ବାକୁ ଯାଇଥିଲେ। ଗାଧେଇବା ସମୟରେ ତାଙ୍କର ଅପସ୍ମାର ରୋଗ ବାହାରି ପଡ଼ିଥିଲା। ଯାହାଫଳରେ ମିଲି କୂଅରେ ପଡି ବୁଡ଼ି ଯାଇଥିଲେ। ଏନେଇ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ମିଲିଙ୍କୁ କୂଅରୁ ଉଦ୍ଧାର କରି ଫିରିଙ୍ଗିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ମିଲିଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ଫିରିଙ୍ଗିଆ ଥାନା ଏଏସ୍‌ଆଇ ମଞ୍ଜୁ ବେହେରାଙ୍କ ସହ ବରିଷ୍ଠ ଏଏସ୍‌ଆଇ କୃଷ୍ଣଚନ୍ଦ୍ର ଗୌଡ଼ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଫିରିଙ୍ଗିଆ ଥାନାରେ କେଶ୍ ନଂ. ୧/୨୬ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ କହିଛନ୍ତି।

# ଜାତୀୟ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ




ମୋହନା, ୨୩।୧(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ହିଲଟପ ସ୍ନାତକ ମହାବିଦ୍ୟାଳୟପକ୍ଷରୁ ସାତ ଦିନ ଧରି ଚାଲିଥିବା ଜାତୀୟ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଶୁଭ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୋହନା ବନପାଳ ଲକ୍ଷ୍ମୀକାନ୍ତ ପାତ୍ର, ମୁଖ୍ୟବକ୍ତା ରୂପେ ବରିଷ୍ଠ ଶିକ୍ଷାବିତ ମଧୁସୂଦନ ପାଢ଼ୀ, ସମ୍ମାନିତ ଅତିଥି ରୂପେ ହିଲଟପ ଉଚ୍ଚ ମାଧମିକ ବିଦ୍ୟାଳୟର ବରିଷ୍ଠ ଅଧାପକ ଅନୀଲ ତ୍ରିପାଠୀ, ଅଧାପକ ଡ. ପ୍ରଣବାନନ୍ଦ ପାଢ଼ଯୋଷୀ, ଅଧାପକ ଜଗନ୍ନାଥ ପଣ୍ଡା, ଅଧାପକ ଡ. ମନୋରଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ସେବା ଯୋଜନାର ସୃଷ୍ଟି, ମହତ୍ତ୍ୱ, ଲକ୍ଷ୍ୟ, ଆଦର୍ଶ, ଆଭିମୁଖ୍ୟ ଓ ଆକାଂକ୍ଷା ଉପରେ ମତବ୍ୟକ୍ତ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରିଣୀ ଅଧାପିକା ରୀତା କୁମାରୀ ଶତପଥୀଙ୍କ ନେତୃତ୍ୱରେ ୫୦ ଛାତ୍ରୀଛାତ୍ର ସାତଦିନିଆ ଶିବିରରେ ସାମିଲ ହୋଇ ମହାବିଦ୍ୟାଳୟ ପରିସର, ଧନୁପଙ୍କ ଗ୍ରାମରେ ଶିଶୁ ଶ୍ରମିକ ଚାଲାଣ, ପରିବେଶ ପ୍ରଦୂଷଣ, ତମାଖୁ ଓ ମଦ ବର୍ଜନ, ଯୌତୁକ ପ୍ରଥା ବର୍ଜନ ନାରୀ ଶିକ୍ଷା,ସ୍ୱଚ୍ଛ ଭାରତ, ସଡ଼କ ସୁରକ୍ଷା, ସାଇବର ଠକେଇ ,ଅନଲାଇନ ଗେମ ନ ଖେଳିବା ଆଦି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳ ଲୋକଙ୍କୁ ସଚେତନ କରିଥିଲେ। ଶେଷ ଦିବସରେ ମହାବିଦ୍ୟାଳୟ ପରିସରରୁ ଶୋଭାଯାତ୍ରାରେ ବାହାରି ଛାତ୍ରୀଛାତ୍ର ମୋହନା ସହର ପରିକ୍ରମା କରି ତହସିଲ, ବ୍ଲକ, ମେଡ଼ିକାଲ ପରିସର, ଶିବମନ୍ଦିର, ଚର୍ଚ୍ଚ ପରିସରକୁ ପରିଷ୍କାର କରିଥିଲେ।

## ଗଞ୍ଜାମ ପୋଲିସ ଜିଲାରେ ଅପରେଶନ ଅନ୍ୱେଷଣ

# ୨ ଦିନରେ ଉଦ୍ଧାର ହେଲେଣି ୩୫ ମହିଳା ଓ ୧୧ ନାବାଳିକା, ନାବାଳକ

ଛତ୍ରପୁର,୨୩।୧(ଦିଲୀପ ସାମଲ):

ଗଞ୍ଜାମ ପୋଲିସ ଜିଲାରେ ଆରମ୍ଭ ହୋଇଛି ଅପରେଶନ ଅନ୍ୱେଷଣ। ଏଥିରେ ନିଖୋଜ ଶିଶୁ ଓ ମହିଳାମାନଙ୍କୁ ଉଦ୍ଧାର କରାଯାଉଛି। ଏହି ଅଭିଯାନରେ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ୨ ଦିନରେ ୪୬ ଜଣଙ୍କୁ ଉଦ୍ଧାର କରାଗଲାଣି। ଗୁରୁବାର ପ୍ରଥମ ଦିନ ୧୧ଜଣ ମହିଳା ଓ ୫ ନାବାଳିକା, ନାବାଳକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଶୁକ୍ରବାର ଦ୍ୱିତୀୟ ଦିନରେ ୨୪ ମହିଳା ଓ ୬ ଜଣ ନାବାଳିକା, ନାବାଳକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଛି ପୋଲିସ। ଏଭଳି ଅପରେଶନ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଚାଲିବ ବୋଲି ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି। ଦ୍ୱିତୀୟ ଛତ୍ରପୁର ଥାନା ପକ୍ଷରୁ ୪ ନିଖୋଜ ମହିଳାଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଖଲିକୋଟ, ପୁରୁଷୋତ୍ତମପୁର, କବିସୂର୍ଯ୍ୟନଗର, କୋଦଳା, ବେଗୁନିଆପଡା ଓ ଜଗନ୍ନାଥପ୍ରସାଦ ଥାନା ପକ୍ଷରୁ ୨ ଜଣ ଲେଖାଏ ଏବଂ ପୋଲସରା, ଧରାକୋଟ, ହିଞ୍ଜିଳି, ଶେରଗଡ଼, ସୋରଡ଼ା, ଭଞ୍ଜନଗର, ବେଲଗୁଣ୍ଠା ଓ ତାରସିଂ ଥାନା ପକ୍ଷରୁ ଜଣେ ଲେଖାଏ ମହିଳାଙ୍କୁ ଉଦ୍ଧାର କରାଯାଇଛି । ସେହିପରି ଖଲିକୋଟ ଥାନା ପକ୍ଷରୁ ଜଣେ ନାବାଳକ ଏବଂ ପୁରୁଷୋତ୍ତମପୁର, ଭଞ୍ଜନଗର, ବୁଗୁଡ଼ା, ତାରସିଂ ଓ ଗାଙ୍ଗପୁର ପୋଲିସ ପକ୍ଷରୁ ଜଣେ ଲେଖାଏ ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ।

## ୨ କୁଇଣ୍ଟାଲ ୩୭ କେଜି ଗଞ୍ଜେଇ ଜବତ

ଆର.ଉଦୟଗିରି,୨୩।୧(ମନୋଜ କୁମାର ପାଢୀ): ଗଞ୍ଜେଇ ଚାଲାଣ ପୂର୍ବରୁ ପୋଲିସ ଚଢ଼ାଉ କରି ଜବତ କରିଛି। ସମ୍ବଲପୁର- ସୁନ୍ଦରଡାଙ୍ଗ ରାସ୍ତା କଡେ କିଛି ବସ୍ତାରେ ଗଞ୍ଜେଇ ଥିବା ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା ବିଶେଷ ସୂତ୍ରରୁ ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ଆର. ଉଦୟଗିରି ଏସ୍‌ଡିପିଓ ରାକେଶ ସାହୁଙ୍କ ତତ୍ତ୍ୱାବଧାନରେ ଆର ଉଦୟଗିରି ଥାନା ଏସଆଇ ସନ୍ଦୀପ ହେମ୍ବ୍ରମ, ମୋହନା ଓ ଅଡବା ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରିଥିଲେ। ସମ୍ବଲପୁର- ସୁନ୍ଦରଡାଙ୍ଗ ରାସ୍ତାରେ ୧୨ଟି ବସ୍ତାରେ ୨ କୁଇଣ୍ଟାଲ ୩୭ କେଜି ଗଞ୍ଜେଇ ଚାଲାଣ ପାଇଁ ଥିବା ବେଳେ ପୋଲିସ ତାହାକୁ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୨୩ ଲକ୍ଷ ୭୦ ହଜାର ଟଙ୍କା ହେବ। ପୋଲିସକୁ ଦେଖି ଅଭିଯୁକ୍ତମାନେ ଚମ୍ପଟ ମାରିଥିବା ଏସପି ସୂଚନା ଦେଇଛନ୍ତି।

# ଜୀବନଜ୍ୟୋତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ


ଅତିଥିମାନେ ସ୍ମରଣିକା 'ଜ୍ୟୋତିଶ୍ରୀ' ଉନ୍ମୋଚନ କରୁଛନ୍ତି।

ରାଇକିଆ,୨୩।୧(ପ୍ରଦୀପ ବେହେରା):

ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଉମାକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ମୁଖ୍ୟବକ୍ତା ଭାବେ ବାଲିଗୁଡ଼ା ଉପଜିଲାପାଳ ପ୍ରଣତୀ ଦାସ, ସମ୍ମାନିତ ଅତିଥି ଭାବେ ପିଏ ଆଇଟିଡିଏ କୃପାସିନ୍ଧୁ ବେହେରା, ରାଇକିଆ ବ୍ଲକ ଅଧକ୍ଷା ରୀନା ପ୍ରଧାନ, ରାଇକିଆ ବିଡିଓ ସବ୍ୟସାଚୀ ସାହୁ, ତହସିଲଦାର ବରିୟାଲ ମୁର୍ମୁ, ରାଇକିଆ ଥାନା ଅଧିକାରୀ ଏ. ସ୍ୱର୍ଣ୍ଣଲତା ପାତ୍ର, ଜିଲା ପରିଷଦ ସଭ୍ୟ ସତ୍ୟବାନ ପାତ୍ର ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନଙ୍କ ଦାରା ସ୍ମରଣିକା 'ଜ୍ୟୋତିଶ୍ରୀ' ଉନ୍ମୋଚନ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କୁ ଈର୍ଷା ତ୍ୟାଗ କରି ଗୁରୁଜନଙ୍କୁ ଉଚିତ ସମ୍ମାନ ଦେବା ସହ ଛାତ୍ର ଜୀବନକୁ ଶୃଙ୍ଖଳିତ କରି ଉତ୍ତମ ଭବିଷ୍ୟତ ଗଢ଼ିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିକ୍ଷା, କ୍ରୀଡା ସହ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। ଅଧାପକ ବେଣୁପାଣି ମହାପାତ୍ର ଏବଂ ଅଧ୍ୟାପିକା ମଞ୍ଜୁଳା ସାହୁ ସଭା ପରିଚାଳନା କରିଥିଲେ। ସମସ୍ତ ଅଧାପିକା, ଅଧାପକ, ଅଣ କର୍ମଚାରୀଙ୍କ ସମେତ ନିମନ୍ତ୍ରିତ ଅତିଥିମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ଜଗନ୍ନାଥ ଦାସ, ଡାଃ ସନ୍ତୋଷ କୁମାର ନାୟକ, ଦିଲୀପ କୁମାର ନାୟକ, ବିଶ୍ୱବିହାରୀ ଦଳେଇ, ପ୍ରମୋଦ କୁମାର ନାଏକ, ସାରଙ୍ଗଧର ମାମ୍ବାଲାକା, ଅଧାପିକା ଲିଜାଲିନ ଭୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭା ଶେଷରେ କଲେଜର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧାପିକା ଲିଜାଲିନ ଭୋଇ ଏବଂ ଆନସଲାମ ନାୟକ ପରିଚାଳନା କରିଥିଲେ।

## ଗୃହରକ୍ଷୀଙ୍କ ପରିବାରକୁ ସହାୟତା

ଫୁଲବାଣୀ,୨୩।୧(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ହୋମଗାର୍ଡ ସଂଘ ପକ୍ଷରୁ ଜଣେ ଗୃହରକ୍ଷୀଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ସାରଙ୍ଗଗଡ଼ ଥାନାରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଥିବା ମଦନ ମଲିକ ରୋଗରେ ପଡ଼ି ଅକାଳ ମୃତ୍ୟୁ ଘଟିଛି। ତାଙ୍କ ସ୍ତ୍ରୀ ସ୍ୱରସତୀ ପ୍ରଧାନଙ୍କୁ ଜିଲାରେ କାର୍ଯ୍ୟରତ ସମସ୍ତ ଗୃହରକ୍ଷୀଙ୍କ ଗୋଟିଏ ଦିନର ଦରମା ୱେଲଫେୟାର ଫଣ୍ଡରେ ଜମା କରି ୩ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। କିନ୍ତୁ ଦୁଃଖର ବିଷୟ ଜଣେ ଗୃହରକ୍ଷୀ କର୍ମଚାରୀ ଜୀବନ ସାରା ପୋଲିସ ବିଭାଗରେ କାର୍ଯ୍ୟ କରି ମୃତ୍ୟୁ ପରେ କିମ୍ବା ଅବସର ଗ୍ରହଣ ପରେ ତାଙ୍କ ପରିବାର ସଦସ୍ୟଙ୍କୁ ରାଜ୍ୟ ସରକାରଙ୍କ ତରଫରୁ କୌଣସି ସହାୟତା ମିଳୁନାହିଁ ବୋଲି ସଂଘ କାର୍ଯ୍ୟକର୍ତ୍ତା କହିଛନ୍ତି।

# କବିସୂର୍ଯ୍ୟ ବଳଦେବ ସ୍ମୃତି ସଂସଦ ପକ୍ଷରୁ କବିସୂର୍ଯ୍ୟ ଜୟନ୍ତୀ



କବିସୂର୍ଯ୍ୟନଗର,୨୩।୧ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମଜିଲା କବିସୂର୍ଯ୍ୟନଗରସ୍ଥିତ କବିସୂର୍ଯ୍ୟ ସ୍ମୃତି ସଂସଦ ପକ୍ଷରୁ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ପ୍ରଫେସର କୈଳାସ ନାଥ ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜିକ କର୍ମୀ ତଥା ଘୁମୁସର ଲେଖିକା ସାହୁଖ୍ୟର ସଭାନେତ୍ରୀ ମାହେଶ୍ୱରୀ ଦୋରା, ମୁଖ୍ୟବକ୍ତା ବସନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବିଶ୍ୱନାଥ ରାଉତ ଉପସ୍ଥିତ ଥିଲେ। କବିସୂର୍ଯ୍ୟଙ୍କ ପ୍ରକୃତ ଜନ୍ମସ୍ଥାନ ଆଠଗଡ଼ ବୋଲି ଆଡ଼ଭୋକେଟ ଅଶୋକ ମହାରଣା, ଶିକ୍ଷାବିତ ପଞ୍ଚାନନ ନାୟକ, ବିକ୍ରମ କୁମାର ଚର୍ଚ୍ଚି, ସୂର୍ଯ୍ୟନାରାୟଣ ଭୂୟାଁ, ଶରତ ଡାକୁଆ, ପଦ୍ମଚରଣ ଦାସ, ଆଡ଼ଭୋକେଟ ମୁରଲୀଧର ପାଣିଗ୍ରାହୀ, ରସଲ ଦାସ ଗବେଷଣାତ୍ମକ ମତ ରଖିଥିଲେ । ଆଡ଼ଭୋକେଟ ଯଦୁକୁଳ ପଟ୍ଟନାୟକ ଓ ଶରତ ଡାକୁଆ କବିସୂର୍ଯ୍ୟ ଚମ୍ପୁ, ଛାନ୍ଦ ଗାନ କରିଥିଲେ । ଶିକ୍ଷାବିତ ନିତ୍ୟାନନ୍ଦ ପୋଲାଇ ଧନ୍ୟବାଦ ଦେଇଥିଲେ । ସେହିପରି ସ୍ଥାନୀୟ ବସଷ୍ଟାଣ୍ଡସ୍ଥିତ କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରତିମୂର୍ତ୍ତିରେ କବିସୂର୍ଯ୍ୟ ପ୍ରତିଭା ପରିଷଦ ପକ୍ଷରୁ ପୁଷ୍ପମାଲ୍ୟ, ପଇତା, ଧୂପ, ଦୀପ ପ୍ରଦାନ କରାଯାଇଥିଲା । ପରେ ସ୍ଥାନୀୟ ଆଇବିସ୍ଥିତ କବିସୂର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମଧ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରିଷଦ ସଭାପତି ବି. ଚିରଞ୍ଜିବୀ ପାତ୍ର, ସମ୍ପାଦକ ରାମନାଥ ମାଝୀ, ଉପଦେଷ୍ଟା ମାହେଶ୍ୱରୀ ଦୋରା, ସଭ୍ୟ ନିରଞ୍ଜନ ମହାପାତ୍ର, ଭାସ୍କର ରଥ, ଦୀନବନ୍ଧୁ ରଥ, ଦଣ୍ଡପାଣି ମିଶ୍ର, ପରମାନନ୍ଦ ଖଣ୍ଡୁଆଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦାରିଙ୍ଗବାଡ଼ି ଉଚ୍ଚ ମାଧମିକ ବିଦ୍ୟାଳୟରେ ପୁଣି ଅବ୍ୟବସ୍ଥା

# ହେଲାନି ମଧାହ୍ନଭୋଜନ ରୋଷେଇ, ଭୋକରେ ଫେରିଲେ ଛାତ୍ରୀଛାତ୍ର



ଦାରିଙ୍ଗବାଡ଼ି,୨୩।୧ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ପୁଣି ଅବ୍ୟବସ୍ଥା ଦେଖାଯାଇଛି। ଶୁକ୍ରବାର ସରସ୍ୱତୀ ପୂଜା ପାଇଁ ବିଦ୍ୟାଳୟ ସମ୍ପୂର୍ଣ୍ଣ ଚଳଚଞ୍ଚଳ ରହିଥିବା ବେଳେ ବିଦ୍ୟାଳୟରେ ପିଲାଙ୍କ ଖୁସିର ମୁହୂର୍ତ୍ତ ଦେଖିବାକୁ ମିଳିଥିଲା। ତେବେ ପୂଜା ସାରିବା ବେଳେ ପ୍ରାୟ ସାଢେ ୧ ଟା ବାଜିଥିଲା। ଏହି ସମୟରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଖାଇବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ମଧାହ୍ନ ଭୋଜନ ରୋଷେଇ ହୋଇ ନ ଥିବା ଜାଣିବାକୁ ପାଇଥିଲେ। ଛାତ୍ରାବାସରେ ରହିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରାବାସ ପରିସରରେ ଭାତ, ଡାଲି, ଖଟା, ତରକାରୀ, ଖିରି ଭଳି ଭଳିକି ଭଳି ବ୍ୟଞ୍ଜନ କରାଯାଇଥିବା ବେଳେ ଡେସକଲାର ଛାତ୍ରୀଛାତ୍ରମାନେ ଘରକୁ ଭୋକରେ ଫେରିଛନ୍ତି। ଖାଲି ସେମାନେ ନୁହଁନ୍ତି ଉକ୍ତ ବିଦ୍ୟାଳୟରେ କସ୍ତୁରବା ବାଳିକା ହଷ୍ଟେଲର ମଧ ପ୍ରାୟ ୨୫ ଜଣ ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସେମାନେ ମଧ ଭୋକରେ ନିଜ ହଷ୍ଟେଲକୁ ସେଠାରୁ ଭୋକରେ ଫେରିଥିବା ରାପଡାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚାରୁଶିଳା ମଳିକ ସ୍ୱୀକାର କରିଛନ୍ତି। ତାଙ୍କ ବିଦ୍ୟାଳୟର ଛାତ୍ରୀମାନେ ଭୋକରେ ଫେରିଥିବା ନେଇ ସେ ସନ୍ଧ୍ୟାରେ ଜାଣିବାକୁ ପାଇଲେ ବୋଲି କହିଛନ୍ତି। ଏହାସହିତ ସେ ଆହୁରି ମଧ କହିଛନ୍ତି ଯେ, ସକାଳୁ ସେ ବିଦ୍ୟାଳୟକୁ ଫୋନ କରି ବୁଝିଥିଲେ ମଧାହ୍ନ ଭୋଜନ ରୋଷେଇ ହେଉଛି କି ନାହିଁ ବୋଲି। ଦିନ ୧୦ଟା ସମୟରେ ଛାତ୍ରୀଙ୍କୁ ହଷ୍ଟେଲରେ ଖାଇବା ଦେଇ ବିଦ୍ୟାଳୟକୁ ପଠାଇଥିଲେ। ପରେ ଛାତ୍ରୀମାନେ ଭୋକରେ ଫେରିଥିବା ଜାଣି ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏନେଇ ପ୍ରଧାନ ଶିକ୍ଷକ ଉମାଶଙ୍କର ସାମନ୍ତରାୟ କହିଛନ୍ତି ଯେ, ପୂର୍ବରୁ ଶ୍ରୀପଞ୍ଚମୀ ଛୁଟି ରହିଥିଲା ପରେ ତାଙ୍କ ନିକଟକୁ ଏହି ଦିନରେ ମଧାହ୍ନ ଭୋଜନ ପିଲାଙ୍କୁ ଦେବାପାଇଁ ଚିଠିଆସିଥିଲା। ସେ କୌଣସି କାରଣରୁ ଚିଠିକୁ ଦେଖି ନ ଥିବାରୁ ମଧାହ୍ନ ଭୋଜନ ରୋଷେଇ କରାଯାଇ ପାରି ନ ଥିଲା। ପରେ କିଛି ପିଲାଙ୍କୁ ହଷ୍ଟେଲରେ ଖାଇକି ଯିବାକୁ ପରାମର୍ଶ ଦେଇଥିବା କହିଛନ୍ତି। କିନ୍ତୁ ଛାତ୍ରୀଛାତ୍ର ଭୋକରେ ଫେରିଥିବା ଜଣାପଡିଛି। ସୂଚନା ଯୋଗ୍ୟ ଯେ, ଉକ୍ତ ବିଦ୍ୟାଳୟରେ ନିଶା ବ୍ୟବହାର ଅଭିଯୋଗରେ ଜଣେ ଛାତ୍ରଙ୍କୁ ହଷ୍ଟେଲରୁ ବିଦା କରାଯାଇଥିବା ଘଟଣା ଲୋକଙ୍କ ମନରୁ ନ ଯାଉଣୁ ପୁଣି ପିଲାଙ୍କୁ ଭୋକରେ ବିଦା କରିବା ଘଟଣା ବିଦ୍ୟାଳୟର ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ଠିଆ କରିଛି।

## ଅଟୋ ସହ ଗଞ୍ଜେଇ ଭର୍ତ୍ତି ବସ୍ତା ଜବତ

ଦାରିଙ୍ଗବାଡ଼ି,୨୩।୧
(ଅରୁଣ ସାହୁ)

ଦାରିଙ୍ଗବାଡ଼ି ପୋଲିସ୍ ପକ୍ଷରୁ ଏକ ଅଟୋ ସହ ଗଞ୍ଜେଇ ଭର୍ତ୍ତି ବସ୍ତା ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୪ ରୁ ୫ ଲକ୍ଷ ହେବ। ଏଥିରେ ସମ୍ପୃକ୍ତ ଥିବା ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ସାରଙ୍ଗ ଥାନା ବାନ୍ଧୁଡ଼ି ଗ୍ରାମର ପ୍ରଦୀପ ଦଳବେହେରା (୩୧)। ଗୁରୁବାର ଅପରାହ୍ନରେ ୫୯ ନଂ. ଜାତୀୟ ରାଜପଥରେ ପୋଲିସ ପାଟ୍ରୋଲିଂ କରୁଥିଲା ବେଳେ ଏକ ଅଟୋ (ଓଡି୧୨ ସି ୧୪୮୨)ରେ ପରିବା ଭଳି ବୋଝେଇ ହୋଇ ଗଞ୍ଜେଇ ଭର୍ତ୍ତି ବସ୍ତାକୁ ଦେଖି ସନ୍ଦେହ କରି ଅଟୋ ଅଟକାଇ ଯାଞ୍ଚ କରିବା ପରେ ବସ୍ତାରୁ ପୁଳାପୁଳା ଗଞ୍ଜେଇ ବାହାରିଥିଲା। ପୋଲିସ ଅଟୋକୁ ଜବତ କରି ପ୍ରଦୀପଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏନେଇ ପୋଲିସ୍ କେଶ୍ ନଂ. ୨୮/୨୬ ରେ ଅଧିକା ତଦନ୍ତ ଚଳାଇଥିବା ଆଇଆଇସି ସଂଗ୍ରାମ କେଶରୀ ଜେନା କହିଛନ୍ତି। ଏହାସହ ପୋଲିସ ରାତି ପାଟ୍ରୋଲିଂକୁ କଡ଼ାକଡ଼ି କରିଛି।

# ଅଧିକାର ହାସଲ ପୂର୍ବରୁ କର୍ତ୍ତବ୍ୟ ପାଳନ କରିବାକୁ ଗୁରୁତ୍ୱ

ଭଞ୍ଜନଗର,୨୩।୧(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ତାଲୁକ ଆଇନ ସେବା କମିଟି ପକ୍ଷରୁ ଶୁକ୍ରବାର ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭଞ୍ଜନଗର ଅତିରିକ୍ତ ଜିଲା ଦୌରାଜଜ ତଥା ତାଲୁକ ଆଇନ ସେବା କମିଟିର ଅଧକ୍ଷ ଶେଖ ମହମ୍ମଦ କଏସ ମୁଖ୍ୟଅତିଥି ଭାବେ ଯୋଗଦେଇ ପୋଷ ଆଇନ (କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡନ ନିରୋଧ ଆଇନ), ସାମ୍ବିଧାନିକ ଅଧିକାର ଓ ନାଗରିକଙ୍କ କର୍ତ୍ତବ୍ୟ ସମ୍ପର୍କରେ କହିଥିଲେ। ସେ କହିଥିଲେ ଯେ, ଲୋକେ ଆଇନ ବିଷୟରେ ସଚେତନ ଥିଲେ ସମାଜରେ ନ୍ୟାୟ ଓ ସମତା ପ୍ରତିଷ୍ଠା ହୋଇପାରିବ। ଆଇନରୁ ଉର୍ଦ୍ଧ୍ୱ କେହି ନାହିଁ, ସମ୍ବିଧାନ ହେଉଛି ଶ୍ରେଷ୍ଠ। ଆମ ସମ୍ବିଧାନ ଆମକୁ ଶାନ୍ତିରେ ରହିବାକୁ ଦେଇଛ। ଅନ୍ୟର କିଛି କ୍ଷତି ହେଲାଭଳି କାର୍ଯ୍ୟ କରିବା ନାହିଁ। ଯଦି ଏଭଳି ବେନିୟମ କାର୍ଯ୍ୟ କେହିକରନ୍ତି ତେବେ ତାହା ଅପରାଧ। ଅଧିକାର ହାସଲ କରିବାକୁ ହେଲେ ନିଜ କର୍ତ୍ତବ୍ୟ ଠିକ ଭାବେ ପାଳନ କରିବାକୁ ପଡିବ ବୋଲି ବିଚାରପତି କଏସ କହିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଆଇନ ସଚେତନତା କାର୍ଯ୍ୟକ୍ରମ**

ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ଭିୟେନା ନାୟକ ଅନ୍ୟତମ ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ର ମାନଙ୍କୁ ଆଇନଗତ ଅଧିକାର ସହ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଏସଡିପିଓ ଡ଼ା. ଦୀପକ ମିଶ୍ର ପୋଲିସ ବ୍ୟବସ୍ଥା, ଆଇନ ରକ୍ଷାରେ ନାଗରିକଙ୍କ ଭୂମିକା ଓ ଅପରାଧ ପ୍ରତିରୋଧରେ ସାମାଜିକ ସହଯୋଗର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ଆଇନ ସହାୟତା ସଦସ୍ୟ ଡା. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ମାଗଣା ଆଇନ ସହାୟତା ସେବା, ଲୋକ ଅଦାଲତ ଓ ଆଇନ ସେବାପ୍ରାପ୍ତି ପ୍ରକ୍ରିୟା ସମ୍ପର୍କରେ କହିଥିଲେ। ସଭ୍ୟା ଅଲକା ମଞ୍ଜରୀ ପଟ୍ଟନାୟକ ମହିଳା ଓ ଛାତ୍ରୀ ଛାତ୍ରଙ୍କ ପାଇଁ ଉପଲବ୍ଧ ଆଇନଗତ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। କଲେଜ ଅଧକ୍ଷ ରାଜେନ୍ଦ୍ର ଦାଶ ଅତିଥିଙ୍କୁ ସ୍ୱାଗତ କରିଥିଲେ । ଅଧାପିକା ସୁନିତା ରାଣୀ ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଙ୍କନ ପ୍ରଧାନ, ଏନ ଏସଏସଶାଖା୦୧ ଅଧିକାରୀ ବି.ପ୍ରଧାନ, ଏନସିସି ଆର୍ମି ୱିଙ୍ଗ ସିଟିଓ ଅର୍ପଣ ପ୍ରଧାନ, ଏନସିସି ନାଭାଲ ୱିଙ୍ଗ ସିଟିଓ ବିଭୂତି ଗୌଡ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଗଜପତି ନଗର ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଦାତ୍ରୀଙ୍କ ପୂଜା

ବ୍ରହ୍ମପୁର,୨୩।୧(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ଗଜପତି ନଗର ସରସ୍ୱତୀ ଶିଶୁ ମନ୍ଦିରରେ ସରସ୍ୱତୀ ପୂଜା ପାଳିତ ହୋଇ ଯାଇଛି । ପ୍ରଧାନାଚାର୍ଯ୍ୟ ଶରତ ଚନ୍ଦ୍ର ମୁନୀ ସହଯୋଗ କରିଥିଲେ। ସ୍କୁଲ ସଭାପତି ସୂର୍ଯ୍ୟକାନ୍ତ ମହାନ୍ତି, ଉପସଭାପତି ନରେଶ କୁମାର ପଟ୍ଟନାୟକ, ସଂପାଦକ ପ୍ରତାପ ଚନ୍ଦ୍ର ନାୟକ, କୋଷାଧକ୍ଷ କବିରାଜ ସାହୁ ସମେତ ସମସ୍ତ ପରିଚାଳନା ସମିତି କର୍ମକର୍ତ୍ତା ଉପସ୍ଥିତ ଥିଲେ। ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ଶିକ୍ଷା ବିକାଶ ସମିତି ପ୍ରାନ୍ତ କୋଷାଧକ୍ଷ ସତ୍ୟ ନାରାୟଣ ପଟ୍ଟନାୟକ ଉପସ୍ଥିତ ରହି ପୂର୍ବ ଛାତ୍ର ଦିବସ ଅବସରରେ ଛାତ୍ରଙ୍କ କର୍ତ୍ତବ୍ୟ ଉପରେ ମାର୍ଗଦର୍ଶନ କରିଥିଲେ । ବରିଷ୍ଠ ଆଚାର୍ଯ୍ୟ ଗୌର ନାହାକ ନେତାଜୀଙ୍କ ଜୀବନୀ ଏବଂ ଆଚାର୍ଯ୍ୟ ପ୍ରିୟମ୍ବଦା ପାଣିଗ୍ରାହୀ ବୀର ସୁରେନ୍ଦ୍ର ସାଏଙ୍କ ବିଷୟରେ କହିଥିଲେ।

# ଜିଲାର ୩ ଦେବୀ ପୀଠରୁ ଆସିବ ମଶାଲ

**■ଗୋପାଳପୁର ବେଳାଭୂମି ମହୋତ୍ସବ ନେଇ ଖବରଦାତା ସମ୍ମିଳନୀ**

ଗୋପାଳପୁର,୨୩।୧(ନବୀନରାଜ୍ ଆଚାରୀ):

ଚଳିତ ବର୍ଷ ଗୋପାଳପୁର ବେଳାଭୂମି ମହୋତ୍ସବକୁ ନିଆରା, ଲୋକାଭିମୁଖୀ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଶୁକ୍ରବାର ଗୋପାଳପୁରସ୍ଥିତ ପୁରୁଣା ସର୍କିଟ ହାଉସରେ ଜିଲା ପ୍ରଶାସନ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ତଥା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇଥିବା ବେଳେ ଗଞ୍ଜାମ ଜିଲାପାଳ ଭି. କିର୍ତ୍ତି ଭାସନ, ବ୍ରହ୍ମପୁର ଏସପି ଡ଼ା. ସର୍ବଣା ବିବେକ ଏମ, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ସିର୍କେ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଓ ରାଜ୍ୟର ଲୋକକଳା ଯଥା ପାଲା, ଦାସକାଠିଆ, କୃଷ୍ଣଲୀଳା, ପ୍ରହଲ୍ଲାଦ ନାଟକ, ବାଘ ନାଚ ଆଦି ପରିବେଷଣ କରାଯିବ ଏବଂ ମେଗା ମାରାଥନ ଅନୁଷ୍ଠିତ ହେବ। ଏଥିସହ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ମନ୍ତ୍ରୀ ଜେନା କହିଥିଲେ।

ଆସନ୍ତା ୨୭ରୁ ମହୋତ୍ସବ ଆରମ୍ଭ ହେବ। ପ୍ରଥମ ଦିନ ରାଜ୍ୟପାଳ ଯୋଗଦେଇ ଉଦଘାଟନ କରିବାକୁ ଥିବାବେଳେ ଶେଷଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ମହୋତ୍ସବରେ ବାଚସ୍ପତି, ରାଜସ୍ୱମନ୍ତ୍ରୀ, ଆଇନ ମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ଉଚ୍ଚ ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ଯୋଗଦେବେ। ଜିଲାର ବିଭିନ୍ନ ଏମ୍‌ପି ଓ ବିଧାୟକ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନ ବାରଣାସୀର ପଣ୍ଡିତମାନଙ୍କ ଦ୍ୱାରା ଆଳତି କରାଯିବ। ଜିଲାର ୩ ଦେବୀ ପୀଠରୁ ମଶାଲ ଆସିବ। ମା' ବାଳକୁମାରୀ, ମା' ତାରାତାରଣୀ ଓ ମା' ବାଗଦେବୀଙ୍କଠାରୁ ମଶାଲ ଆସିବ ବୋଲି ମନ୍ତ୍ରୀ କହିଥିଲେ। ଓଡ଼ିଶାର ସିନେ ତାରକା ମୈଥିଲି ଠାକୁର, କୈଳାସ ଖେର, ଋତୁରାଜ ମହାନ୍ତି, ରାହୁଲ ସିପ୍ଲିଗଞ୍ଜ, ବି. ପାରାକ ଓ ଅନ୍ୟାନ୍ୟ କଳାକାର ଯୋଗ ଦେବେ। ପାର୍କିଂ, ପିଇବା ପାଣି ବ୍ୟବସ୍ଥା କରାଯାଇଛି। ଗଞ୍ଜାମ କଳା ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଯିବ ବୋଲି ଜିଲାପାଳ କୀର୍ତ୍ତିଭାସନ କହିଥିଲେ। ଅନ୍ୟପଟେ ଦୁଇ ଚକିଆ ଯାନ ପାଇଁ ହରିପୁର ନିକଟରେ ପାର୍କିଂ ସ୍ଥଳି ଚିହ୍ନଟ କରାଯାଇଥିବା ବେଳେ ଚାରିଚକିଆ ପାଇଁ ଗୋପାଳପୁର ନୂଆ ବସଷ୍ଟାଣ୍ଡ ଓ ଘରୋଇ ଜାଗାକୁ ଚିହ୍ନଟ କରାଯାଇଛି। ଶାନ୍ତି ଶୃଙ୍ଖଳା ଓ ସୁରକ୍ଷା ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଛି। ୧୦୦ ପୋଲିସ ଅଧିକାରୀ ଓ ୧୫ ପ୍ଲାଟୁନ ପୋଲିସ ରଖାଯିବ ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ପରେ ମନ୍ତ୍ରୀ, ଜିଲାପାଳ, କମିଶନର, ପୋଲିସ ଅଧିକାରୀ ଓ ଅନ୍ୟ ବିଭାଗ ଅଧିକାରୀ ମହୋତ୍ସବ ସ୍ଥଳି ବୁଲିବା ସହ ସମୀକ୍ଷା କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରମୋଦ ପୃଷ୍ଟି, ଦେବବ୍ରତ ପଣ୍ଡା, ଏପିଡି ବିଜୟ କୁମାର ବେହେରା, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ରଙ୍ଗେଇଲୁଣ୍ଡା ବିଡିଓ ବିଶ୍ୱଜିତ୍ ରାୟ, ଗୋପାଳପୁର ଏନଏସି ଅଧକ୍ଷ ଏ. ଜାନକୀ ରାମ, ଗୋପାଳପୁର ଏନଏସି ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ କୁମାର ନାହାକ ଓ ଜିଲା ପ୍ରଶାସନର ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ମହୋତ୍ସବ ପାଇଁ ଶନିବାର ବେଳାଭୂମି ସଫେଇ ଅଭିଯାନ ଓ ରବିବାର ମେଗା ମାରାଥନ ରହିଥିବା ସୂଚନା ମିଳିଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ମନ୍ତ୍ରୀ, ଜିଲାପାଳ, ଏସପି ଓ ଅନ୍ୟ ଅଧିକାରୀ ।

## ମତଦାନ ନାଗରିକଙ୍କ ମୌଳିକ ଅଧିକାର

ବ୍ରହ୍ମପୁର, ୨୩।୧(ସୁବାସ ଚନ୍ଦ୍ର ପାଢ଼ୀ)

ବିନାୟକ ଆଚାର୍ଯ୍ୟ କଲେଜର ଅଧକ୍ଷା ଡ.ପ୍ରମିଳା ଖାଡଙ୍ଗାଙ୍କ ପୌରୋହିତ୍ୟରେ କଲେଜରେ ମତଦାତା ଦିବସ ପାଳିତ ହୋଇଛି। ଯୁବ ରେଡକ୍ରସ ଅଧିକାରୀ ଡ. ଚିତ୍ତରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ଭାରତୀୟ ଗଣତନ୍ତ୍ରର ସୁଦୃଢ଼ ଭିତ୍ତି ଏବଂ ମତଦାନ ନାଗରିକଙ୍କ ମୌଳିକ ଅଧିକାର ବୋଲି କହିଥିଲେ। ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ଡ. ଦେବରାଜ ସ୍ୱାଇଁ, ପ୍ରାଶାସନିକ ଅଧିକାରୀ ଡ. ଆନନ୍ଦ ସେଠୀ, ହିନ୍ଦୀ ବିଭାଗ ମୁଖ୍ୟ ସହକାରୀ ପ୍ରଫେସର୍ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଧକ୍ଷା ଉପସ୍ଥିତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ମତଦାନ ଅଧିକାର ଓ ମତଦାତାଙ୍କ ଦାୟିତ୍ୱ ସମ୍ପର୍କିତ ସଂକଳ୍ପପତ୍ର ପାଠ କରାଇଥିଲେ। ସ୍ନାତକୋତ୍ତର, ସ୍ନାତକ ଓ + ୨ କଳା, ବିଜ୍ଞାନ ଓ ବାଣିଜ୍ୟ ଛାତ୍ରୀଛାତ୍ର ବି ଶପଥ ନେଇଥିଲେ।

## ସାଇବର ଜାଲରେ ପଡ଼ିଲେ ଅଡିଟର, ୫୧ ଲକ୍ଷ ହରାଇଲେ

ବ୍ରହ୍ମପୁର, ୨୩।୧(ସୁବାସ ଚନ୍ଦ୍ର ପାଢ଼ୀ)

ଜନୈକ ଠିକାଦାର ସାଇବର ଠକେଇର ଶିକାର ହୋଇଥିବା ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିଛନ୍ତି। ବ୍ରହ୍ମପୁର ଅଞ୍ଚଳର ଜଣେ ବ୍ୟକ୍ତି ସହରର ଉତ୍କଳ ଗ୍ରାମୀଣ ବ୍ୟାଙ୍କର ୩ଟି ବ୍ରାଞ୍ଚରେ ଅଡିଟର ଭାବେ କାମ କରୁଛନ୍ତି। ସେ ପୂର୍ବରୁ ଅନଲାଇନ ଟ୍ରେଡିଂ କରୁଥିଲେ। ଗତ ନଭେମ୍ବରରେ ସେ ଆଇପିଓ ଟ୍ରେଡିଂ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏ ନେଇ ବିଭିନ୍ନ ସାଇଟରେ ଯାଞ୍ଚ କରୁଥିଲେ। ଇତି ମଧ୍ୟରେ ଏକ ଆପ୍ଲିକେସନ ଆଇପିଓ ଟ୍ରେଡିଂରେ ଭଲ ଲାଭ ଦେଉଥିବା ଜାଣିବାକୁ ପାଇଥିଲେ। ପ୍ରଥମେ ୫ ଲକ୍ଷ ଟଙ୍କା ନିବେଶ କରିବା ସହ ଉକ୍ତ ଟଙ୍କାର ଇନିସିଆଲ ପବ୍ଲିକ ଅଫେରିଙ୍ଗ (ଆଇପିଓ) ପାଇଥିଲେ। ଏହାପରେ ସେ ବିଶ୍ୱାସ କରି ପର୍ଯ୍ୟାୟକ୍ରମେ ୫୧ ଲକ୍ଷ ୧୦ ହଜାର ଟଙ୍କା ନିବେଶ କରିଥିଲେ। ଏବେ ସପ୍ତାହେ ହେଲା ସେହି ଆପ୍ଲିକେସନ ବନ୍ଦ ରହିଛି। ଏପରିକି କୌଣସି ତଥ୍ୟ ସେଥିରେ ଦେଖାଉ ନାହିଁ। ଫଳରେ ଠକେଇର ଶିକାର ହୋଇଥିବା ସନ୍ଦେହ କରି ବ୍ୟାଙ୍କ କର୍ମଚାରୀ ଜଣକ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

## ଓଡ଼ିଶା ନାଟ୍ୟ ଦିବସରେ ସମ୍ବର୍ଦ୍ଧିତ ହେଲେ କଳାକାର

ବ୍ରହ୍ମପୁର,୨୩।୧(ସ୍ମୃତି ରଞ୍ଜନ ମହାଲିକ)

ନିଖିଳ ଓଡିଶା ବରିଷ୍ଠ କଳାକାର ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଓଡିଶା ନାଟ୍ୟ ଦିବସ ମହୋତ୍ସବ ସ୍ଥାନୀୟ ପ୍ରକାଶମ ହଲ ରେ ଅନୁଷ୍ଠିତ ହୋଇଛି। ପ୍ରଥମ ପର୍ଯ୍ୟାୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାୟକ ଭଗବାନ ପାତ୍ର ଓ ସାଥୀଙ୍କ ଦାସକାଠିଆ ଏବଂ ନଳବଣ୍ଟା, ନୃସିଂହନାଥ ନାଟ୍ୟ କଳା ସଂସଦ ପରିଡା ପାର୍ଟି ପ୍ରଯୋଜିତ 'ପ୍ରହଲ୍ଲାଦ ନାଟକ' ପରିବେଷିତ ହୋଇଥିଲା। କଳାପ୍ରାଣ କୈଳାସ ପାଣିଗ୍ରାହୀ ଏବଂ ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀ ସମ୍ପାଦକ ନାଟ୍ୟକାର ରମେଶ ମହାରଣା କାର୍ଯ୍ୟକ୍ରମ ଉଦଘାଟନ କରିଥିବାବେଳେ ମହେନ୍ଦ୍ର ସାହୁ ଓ ଚନ୍ଦ୍ରଭାନୁ ନାହାକ ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମହାସଂଘ ସଭାପତି ସୀମାନ୍ତ ନଟରାଜ ତିରୁପତି ସାହୁ ଅଧ୍ୟକ୍ଷତା କରିଥିଲେ। ଯାତ୍ରା କଳାକାର ମଞ୍ଚମୋହନ ରାଜେନ୍ଦ୍ର ପତି ମୁଖ୍ୟ ଅତିଥି, ନାଟ୍ୟବନ୍ଧୁ ଭରତ ଚନ୍ଦ୍ର ବେହେରା ମୁଖ୍ୟ ବକ୍ତା ଏବଂ ସମ୍ମାନନୀୟ ଅତିଥି ଭାବେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ନାଟ୍ୟକାର ଅଭୟ କୁମାର ଦାସ, ନାଟ୍ୟଶ୍ରୀ ଫାଉଣ୍ଡେସନ ଅଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର, ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ମୋ ଅନୁଷ୍ଠାନ ଅଧ୍ୟକ୍ଷା କୁଞ୍ଜଲତା ମାହୁନ୍ତ ପ୍ରମୁଖ ଯୋଗଦେଇ ଓଡିଶା ନାଟ୍ୟ ଦିବସ ଆମ କଳାକାର ମାନଙ୍କ ସ୍ୱାଭିମାନ ଓ ଅସ୍ମିତାର ପରିଚାୟକ ବୋଲି ମତବ୍ୟକ୍ତ କରିଥିଲେ। ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ସ୍ୱାଗତ ଓ କାର୍ଯ୍ୟକାରୀ ସଭାପତି ଡଃ. ବିଜୟ ଚନ୍ଦ୍ର ମହାରଣା ଅତିଥି ପରିଚୟ ଦେଇଥିଲେ। ବାଲେଶ୍ୱର, ଖଇରା ସ୍ଥିତ ମୋ ଅନୁଷ୍ଠାନ ପକ୍ଷରୁ ବଳଦେବ ସାହୁ, ମହେନ୍ଦ୍ର କୁମାର ସାହୁ, ପ୍ରଦୀପ କୁମାର ସାହୁ, ସୁବାସ ଚନ୍ଦ୍ର ସାହୁ ଏବଂ ଜି. କାମରାଜୁ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାରସ୍ୱତ ସାଧକ ନରେନ୍ଦ୍ର ପ୍ରସାଦ ବେହେରା ଧନ୍ୟବାଦ ଦେଇଥିଲେ।

## ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ

ବ୍ରହ୍ମପୁର,୨୩।୧(ସ୍ମୃତି ରଞ୍ଜନ ମହାଲିକ)

ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଶୁକ୍ରବାର ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ସମାଜସେବୀ କୁନି କୁମାରୀ ଦେବୀ ଏବଂ ଆର୍ଯ୍ୟଭଟ୍ଟର ପ୍ରତିଷ୍ଠାତା ସୁଧୀର ରାଉତ ଟାଉନହଲ ରୋଡ ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ମଞ୍ଚର ଆବାହକ ଆଇନଜୀବୀ ଅବନୀ ଗୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନେତାଜୀଙ୍କ ଜୀବନୀ ଆଲୋଚନା ହୋଇଥିଲା। ନେତାଜୀଙ୍କ ସ୍ୱପ୍ନର ଭାରତ ଗଢ଼ିବା ପାଇଁ ତାଙ୍କ ଜୀବନରୁ ଶିକ୍ଷା ନେଇ ସମସ୍ତ ପ୍ରକାର ଶୋଷଣ ଓ ଅତ୍ୟାଚାର ବିରୋଧରେ ସଂଗ୍ରାମ କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ମଂଚ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନର ବରିଷ୍ଠ ସଭ୍ୟ ଗୁଣନିଧି ବେହେରା, ମଞ୍ଚର ବରିଷ୍ଠ ସଭ୍ୟ ସୁରେନ୍ଦ୍ର ନାଥ ପଣ୍ଡା, ସାଂଗଠନିକ ସମ୍ପାଦକ ମନୋଜ କୁମାର ତରାଇ, ଶିକ୍ଷକ ସଂଗଠନ ନେତା ଅଶୋକ କୁମାର ଦଳାଇ, ବିରେନ କୁମାର ବେହେରା, ସମାଜସେବୀ ହୃଷୀକେଶ ପାତ୍ର ଓ ଯୁବ ରାଜନୈତିକ କର୍ମୀ ଆଦିତ୍ୟ ନାରାୟଣ ରଥ ଉପସ୍ଥିତ ଥିଲେ। ସଂସ୍କାରବାଦୀ ପକ୍ଷରୁ ପାଳିତ ଜୟନ୍ତୀରେ ସୁଶାନ୍ତ କୁମାର ସାବତ, ପ୍ରଦୀପ କୁମାର ବେହେରା, ଶିକ୍ଷାବିତ ହରେକ୍ରିଷ୍ଣ ପଣ୍ଡା, ଅଶୋକ ଦଳାଇ, ବୃନ୍ଦାବନ ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ। ସିପିଏମ ଜିଲା କମିଟି ପକ୍ଷରୁ ପାଳିତ ଜୟନ୍ତୀରେ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରାଙ୍କ ସମେତ ଶିବ ପ୍ରସାଦ ମହାପାତ୍ର, ପ୍ରତାପ ଚୌଧୁରୀ, ଗୋକୁଳ ତ୍ରିପାଠୀ, ରାଜ ରାଓ, ହରି ନାହାକ,ମଧୁ ବେହେରା, ମୋହନ ରାଓ, ଶ୍ରୀନିବାସ ଦାସ ଓ ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜାଲ କାଗଜପତ୍ରରେ କାର୍ ବିକ୍ରି, ସଂସ୍ଥା ମାଲିକ ଗିରଫ

ବ୍ରହ୍ମପୁର,୨୩।୧(ସୁବାସ ଚନ୍ଦ୍ର ପାଢ଼ୀ):

ଜାଲ ଆଧାରକାର୍ଡ ଓ କାଗଜପତ୍ରରେ ଜଣେ ବ୍ୟକ୍ତିଙ୍କ କାରକୁ ବିକ୍ରି ଓ ଟଙ୍କା ଠକେଇ ଅଭିଯୋଗରେ ବ୍ରହ୍ମପୁର ଟାଉନ ଥାନା ପୋଲିସ ରାମଲିଙ୍ଗେଶ୍ୱର ପାର୍କ ପଛପାଖରେ ଥିବା ମୋଟର ସଂସ୍ଥାର ମାଲିକ ଡି. ତେଜଶ୍ୱର ରାଓ ଓରଫ ରୋହନ(୩୫)ଙ୍କୁ ଗିରଫ କରିଛି। ମାମଲା ନଂ.୨୨୪/୨୪ରେ ତାଙ୍କୁ ଶୁକ୍ରବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

୨୦୨୩ରେ ଗଞ୍ଜାମ ଅଞ୍ଚଳର ଯୁବକ ପ୍ରେମ ସାହୁଙ୍କ ବାପାଙ୍କ ବିୟୋଗ ପରେ ଘରେ ଥିବା କାରକୁ ମରାମତି ଓ ବିକ୍ରି ଉଦ୍ଦେଶ୍ୟରେ ସେ ରାମଲିଙ୍ଗେଶ୍ୱର ପାର୍କ ପଛପାଖରେ ଥିବା ଉକ୍ତ ମୋଟର ମାଲିକ ରୋହନଙ୍କୁ ଦେଇଥିଲେ । ୪ ଲକ୍ଷ ୪୦ ହଜାର ଟଙ୍କା ମୂଲ୍ୟରେ ପ୍ରେମଙ୍କ କାରକୁ କିଣିବାକୁ ରୋହନ ଚୁକ୍ତି କରିଥିଲେ। ଅଗ୍ରୀମ ଭାବେ ସେ ୩ ଲକ୍ଷ ୪୦ ହଜାର ଦେଇଥିଲେ। ବଳକା ୧ ଲକ୍ଷ ଟଙ୍କା କାର ବିକ୍ରି ଓ ରେଜିଷ୍ଟ୍ରେସନ ପରେ ଦେବେ ବୋଲି ରୋହନ କହିଥିଲେ । ହେଲେ ଏହା ଭିତରେ ଅନେକ ମାସ ବିତି ଯାଇଥିଲେ ମଧ୍ୟ ରୋହନ ବଳକା ୧ ଲକ୍ଷ ଟଙ୍କା ଦେଇ ନ ଥିଲେ । କାର ବିକ୍ରି ହୋଇନାହିଁ ବୋଲି କହିବା ସହ ଦିନ ପରେ ଦିନ ଗଡାଇ ଚାଲିଥିଲେ। ଅନ୍ୟପକ୍ଷରେ ଉକ୍ତ ମୋଟର ସଂସ୍ଥା ପରିସରରେ ପ୍ରେମଙ୍କ କାର ନ ଥିବା ଜାଣିଥିଲେ। କାର କାହାକୁ ବିକ୍ରି କରି ଦିଆଯାଇଥିବା ସେ ସନ୍ଦେହ କରିଥିଲେ। ସୂଚନା ଅଧିକାର ଆଇନ ବଳରେ ରାଜ୍ୟର ବିଭିନ୍ନ ଆରଟିଓ କାର୍ଯ୍ୟାଳୟରେ କିଣାବିକା ହୋଇଥିବା କାରର ତଥ୍ୟ ସେ ହାସଲ କରିଥିଲେ । ଏହାପରେ ଅନୁଗୋଳ ଆରଟିଓରେ ତାଙ୍କ କାର ବିକ୍ରି କରି ରେଜିଷ୍ଟ୍ରେସନ କରାଯାଇଥିବା ପ୍ରେମ ଜାଣିବାକୁ ପାଇଥିଲେ। ଅଭିଯୁକ୍ତ ରୋହନ ସୁନ୍ଦରଗଡ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଏହି କାର ବିକ୍ରି କରିଥିଲେ । ପ୍ରେମଙ୍କ ନାଁରେ ନକଲି ଆଧାରକାର୍ଡ ଓ ନକଲି ଗାଡି କାଗଜପତ୍ର ପ୍ରସ୍ତୁତ କରି କାର ବିକ୍ରି କରାଯାଇଥିବା ଜଣାପଡିଥିଲା ।



